## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଟାଏକୋଣ୍ଡା ପ୍ରତିଯୋଗିତା ୪ କୃତୀ ପ୍ରତିଯୋଗୀଙ୍କୁ ବିଡିଓଙ୍କ ଶୁଭେଚ୍ଛା

ଦିଗପହଣ୍ଡି,୨୧।୧୧(ଅଶେଷ ନାଥ ମିଶ୍ର)

ରାଜ୍ୟସ୍ତରୀୟ ଟାଏକୋଣ୍ଡା ପ୍ରତି ଯୋଗିତାରେ ଦିଗପହଣ୍ଡି ଟାଏକୋଣ୍ଡା ଏକାଡେମୀର ସବଜୁନିଅର ଖେଳାଳି ମାନେ ସଫଳତା ହାସଲ କରି ଦିଗପହଣ୍ଡିର ଗର୍ବ, ଗୌରବକୁ ବଢ଼ାଇଛନ୍ତି। ଏହି ଅବସରରେ ଦିଗପହଣ୍ଡି ବିଡିଓ ଡ଼. ଚିତ୍ତରଞ୍ଜନ ଦାସ କୃତି ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଛୋଟ,ଛୋଟ ପିଲାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ସ୍ୱର୍ଣ୍ଣପଦକ ହାସଲ କରିବା ଦିଗପହଣ୍ଡି ଅଞ୍ଚଳ ପାଇଁ ଗର୍ବର ବିଷୟ ବୋଲି କହିବା ସହ ସେମାନଙ୍କ କୋଚ ବାସୁ ନାଇକଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। କୃତି ପ୍ରତିଯୋଗୀ ମାନେ ହେଲେ ଏସ.ରୋଶନୀ ଦୋରା, ପ୍ରୀୟାଂସୁ ସାହୁ, ପ୍ରୟାସ ପ୍ରଧାନଓ କାହ୍ନୁ ସେଠୀ ସବଜୁନିଅର ବର୍ଗର ପ୍ରତିଯୋଗୀ। ଏମାନଙ୍କ ମଧ୍ୟରୁ ଏସ.ରୋଶନୀ ଦୋରା ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ, ଅନ୍ୟ ୩ ଜଣ ବ୍ରୋଞ୍ଜପଦକ ହାସଲ କରଛନ୍ତି। ଆସନ୍ତା ୧ ତାରିଖ ଠାରୁ ଡେରାଡୁନରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଟାଇକୋଣ୍ଡା ପ୍ରତିଯୋଗୀତାରେ ଏସ.ରୋଶନୀ ଦୋରା ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା କୋଚ ବାସୁ ନାଇକ କହିଛନ୍ତି।

### ଜାଲ୍ ସାର୍ଟିଫିକେଟ ଦେଇ ସମବାୟ ସମିତିରେ ଚାକିରି କରିଥିବା ଅଭିଯୋଗ

ଦାରିଙ୍ଗବାଡି,୨୧।୧୧(ଅରୁଣ ସାହୁ):

କନ୍ଧମାଳ ଜିଲା ଦାରିଙ୍ଗବାଡି ବୃହାଦଗାର ସମବାୟ ସମିତିରେ ଜାଲ ସାର୍ଟିଫିକେଟ ଦେଇ ୨ ଜଣ ସେଲସମ୍ୟାନ ଚାକିରି କରିଥିବା ଥାନାରେ ଅଭିଯୋଗ ହୋଇଛି। ସମିତିର ସଭାନେତ୍ରୀ ଲିଲିମା ପ୍ରଧାନ ଏହି ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି। ପ୍ରକାଶ ଯେ, ଅଭିଯୋଗ ହୋଇଥିବା ୨ ସେଲସମ୍ୟାନ କୁଆଡ଼େ ପୂର୍ବରୁ ନିଜ ଶିକ୍ଷାଗତ ଯୋଗ୍ୟତା ଭୁଲ ଦର୍ଶାଇ ଚଞ୍ଚକତା କରି ଦୀର୍ଘଦିନ ହେଲା ଚାକିରି କରିଆସୁଛନ୍ତି, ଯାହା ସମବାୟ ସମିତି ପାଇଁ ସମ୍ପୂର୍ଣ୍ଣ ବିପଦ ରହିଛି। ଶୀଘ୍ର ଏହାର ତଦନ୍ତ କରି ସମବାୟ ସମିତିର ସୁରକ୍ଷା ପ୍ରଦାନ କରାଯାଉ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏନେଇ ଦାରିଙ୍ଗବାଡି ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ଘଟଣାର ତଦନ୍ତ ଚାଲିଛି ଏଥିପାଇଁ ଜଣେ ଅଫିସରଙ୍କୁ ତଦନ୍ତ ଦାୟିତ୍ୱ ଦିଆଯିବ ବୋଲି କହିଛନ୍ତି।

### ଭଜନ ସମାରୋହ

କବିସୂର୍ଯ୍ୟନଗର,୨୧।୧୧(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ସାନଚଢ଼ିଆପଡା ବଡଦାଣ୍ଡ ସାହିରେ ଶ୍ରୀଗୁଣ୍ଡିଚା ଭଜନ ମଣ୍ଡଳୀ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କୃପାସିନ୍ଧୁ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱେପ୍ରିୟା ଜେନା, ଚିନ୍ତାମଣିଜେନା, ବବ୍ରୁବାହାନ ଜେନା, ଶଙ୍କର ଜେନା, ଚିନ୍ତାମଣି ସେଠୀ, ଶିଶୁଗୋପାଳ ସାହୁ ଓ ରବୀନ୍ଦ୍ର ସ୍ୱାଇଁ କଣ୍ଠଦାନ କରିଥିଲେ। ଅର୍ଗାନରେ ଅରୁଣ ସାହୁ, ପ୍ୟାଡ଼ରେ ଅରୁଣ କୁମାର ଦାସ, ତବଲାରେ ଚରଣ ସେଠି ଓ ଘୋଷାକ ଭାବେ ତାପସ କୁମାର ପରିଡା ଯୋଗ ଦେଇଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ

## ଗଞ୍ଜାମ ଜିଲାକୁ ମରୁଡ଼ି ଘୋଷଣା ଦାବି

ଛତ୍ରପୁର,୨୧।୧୧ (ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)

ଗଞ୍ଜାମ ଜିଲାକୁ ମରୁଡ଼ି ଘୋଷଣା କରି ସହାୟତା ଦେବା ନିମନ୍ତେ ରଷିକୁଲ୍ୟା ରୟତ ମହାସଭା ଓ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଚଳିତବର୍ଷ ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାରେ ଜଳସେଚନ ବ୍ୟବସ୍ଥା ଠିକ ନ ଥିବା କାରଣରୁ ଫସଲ କରି ହେଉନି। ତେଣୁ ଶତାଧିକ ଚାଷୀ ଶୁଖିଲା ଧାନଗଛ ଧରି ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ )ଦେବବ୍ରତ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଜିଲାରେ ୭୫ ଭାଗ ବାସିନ୍ଦା କୃଷି ଉପରେ ନିର୍ଭର କରି ପରିବାର ପୋଷନ୍ତି।



ସ୍ମାରକପତ୍ର ଦେବାକୁ ଆସିଥିବା ଚାଷୀ ନେତା ଓ ଚାଷୀମାନେ ।

ଚଳିତବର୍ଷ ବର୍ଷା ଅଭାବରୁ ଅଧିକାଂଶ ବ୍ଲକରେ ଧାନ ଫସଲ କ୍ଷତି ହୋଇଛି । କ୍ଷତିଗ୍ରସ୍ତ ଅଞ୍ଚଳକୁ ଚିହ୍ନଟ କରି ମରୁଡ଼ି ଘୋଷଣା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, କୃଷି ଋଣ ଛାଡ଼ ଓ ବିଦ୍ୟୁତ୍ କର ଛାଡ଼ କରଯାଉ ବୋଲି ଦାବି ଉଲ୍ଲେଖ କରାଯାଇଛି। ସେହିପରି ଜିଲାରେ ମାତ୍ର ୫୦ ଭାଗ ଜମିକୁ ଜଳସେଚନର ସୁବିଧା ଥିବାରୁ ଦୋ ଫସଲି ଚାଷ ହୋଇପାରୁନାହିଁ। ଏହି ସମସ୍ୟାର ସମାଧାନ ପାଇଁ ଜଳସେଚନ ଉନ୍ନୟନ ପରିଷଦ ଓ ଜଳସେଚନ ମିଶନ ଗଠନ କରି ସବୁ ଚାଷ ଜମିକୁ ଜଳସେଚନର ସୁବିଧା କଲେ ଗଞ୍ଜାମ ଜିଲା ଦାଦନ ମୁକ୍ତ ହୋଇପାରିବ ବୋଲି କୁହାଯାଇଛି। ସେହିପରି ଭାଗ ଚାଷୀମାନଙ୍କୁ ଚାଷୀର ମାନ୍ୟତା ଦେଇ ସରକାରଙ୍କ ସବୁ ସୁବିଧା ଯୋଗାଇଦେବା, ବାରହା, ହାତୀ, ମାଙ୍କଡ଼ ଆଦି ବନ୍ୟଜନ୍ତୁଙ୍କ ଯୋଗୁ ଫସଲ ନଷ୍ଟ ହେବା ସହ ସେମାନଙ୍କ ଆକ୍ରମଣରେ ଚାଷୀ ଲହୁଲୁହାଣ ହେଉଥିବାରୁ ସେ ସବୁ ଜୀବଜନ୍ତୁକୁ ପରଜୀବୀ ଘୋଷଣା କରି ଚାଷ ଓ ଚାଷୀଙ୍କୁ ସୁରକ୍ଷା ଦେବା, ପ୍ରତି ପଞ୍ଚାୟତରେ କୃଷି ସହାୟକ କେନ୍ଦ୍ର ଖୋଲି ଚାଷୀଙ୍କୁ ବିହନ, ଜୈବିକ ସାର ଔଷଧ କୃଷି ଯନ୍ତ୍ରପାତି ରିହାତିରେ ଦେବା ଆଦି ରହିଛି। ସ୍ମାରକପତ୍ର ପ୍ରଦାନ ବେଳେ ରୁଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକ, ବରିଷ୍ଠ ସମାଜିକ କର୍ମୀ ଭାଗିରଥି ବେହେରା, କଂଗ୍ରେସ ନେତା କାଳିଆ ରାଉଳ, ଚିକଲଖଣ୍ଡି ସରପଞ୍ଚ ଭଗବାନ ବେହେରା, ଧୋବା ରାଉଳ, ଶରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ



ପାରଳାଖେମୁଣ୍ଡି,୨୧।୧୧ (ଗିରିଧାରୀ ପରିଛା):

ପାରଳାଖେମୁଣ୍ଡି ଜିଲାପରିଷଦ ସମ୍ମିଳନୀ କକ୍ଷଠାରେ ଜିଲା ମତ୍ସ୍ୟ ବିଭାଗ ତରଫରୁ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇ ଯାଇଛି। ଏହି ଦିବସରେ ଜିଲା ମତ୍ସ୍ୟ ଅଧିକାରିଣୀ ଲିସା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆର ଉଦୟଗିରି ବ୍ଲକ ଅଧକ୍ଷ ଲକ୍ଷ୍ମୀ ନାରାୟଣ ଶବର, କାଶୀନଗର ବ୍ଲକ ଅଧକ୍ଷା ବାଲା ସାୟାମା, ଗୁମ୍ମା ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ରାୟଗଡ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ବ୍ରହ୍ମପୁର ସୁରେଶ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ଜିଲାପାଳ କହିଥିଲେ ଯେ ଗଜପତି ଜିଲାରେ ଅଧିକ ଜଳାଶୟ ଥିବାରୁ ମାଛ ଚାଷ କରିବା ପାଇଁ ବହୁତ ଉପଯୋଗୀ ରହିଛି। ମାଛ ଏକ ଲାଭଜନକ ଚାଷ। ଏଥି ନିମନ୍ତେ ସରକାର ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଏଣୁ ଗଜପତି ଜିଲାର ସମସ୍ତ ଚାଷୀ ଭାଇ ଭଉଣୀମାନେ ଅଧିକରୁ ଅଧିକ ମାଛ ଚାଷ କରି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ମାଛ ଚାଷ କରି ଚାଷୀମାନେ କମ ଦିନ ମଧ୍ୟର ଅଧିକ ଲାଭବାନ ହୋଇପାରିବେ ବୋଲି ଜିଲାପାଳ କହିଛନ୍ତି। ଏହି ଦିବସରେ ମାଛ ଚାଷ ଓ ଜାଆଁଳା ଉତ୍ପାଦନ କ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତିରେ କିପରି ଚାଷ କରିପାରିବ ସେଥି ନିମନ୍ତେ ବିଭିନ୍ନ ବିଭାଗର ଅଧିକାରୀମାନେ ଚାଷୀ ଭାଇ ଭଉଣୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଜିଲାର ୩ ଜଣ ସଫଳ ମାଛ ଚାଷୀଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ଲକ କଳା ସାଂସ୍କୃତିକ ସଂଘ ଉପ ସଭାପତିମାନଙ୍କୁ ନେଇ ବୈଠକ

ଛତ୍ରପୁର,୨୧।୧୧ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ୧୫ଟି ଜନ କଲ୍ୟାଣମୂଳକ ଯୋଜନା ଗୁଡିକ ତୃଣମୂଳସ୍ତରରେ କିଭଳି ପହଞ୍ଚିପାରିବ ଏବଂ ଜନସାଧାରଣ ସେହି ଯୋଜନାଗୁଡିକରୁ କିଭଳି ଉପକୃତ ହେବେ ସେଥି ସକାଶେ ଲୋକକଳା ଦଳର କଳାକାରମାନଙ୍କ ଦ୍ୱାରା ପ୍ରଚାର ପ୍ରସାର କରାଯିବ। ଏ ନେଇ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତଥା ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ମିଳିତ ଆୟୋଜନ କ୍ରମେ ରାଜ୍ୟ ଜିଲା ଏବଂ ବ୍ଲକ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟ ଶେଷ ହୋଇ କଳାକାର ଗଣ ପ୍ରସ୍ତୁତ ହେଉଛନ୍ତି । ସେମାନଙ୍କର ଏହି ପ୍ରସ୍ତୁତିର ସମୀକ୍ଷା କରିବା ନେଇ ଛତ୍ରପୁର ସ୍ଥିତ ଜିଲା ସଂସ୍କୃତି ବିଭାଗ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ଅଧିକାରୀ ରାଧାକୃଷ୍ଣ ରାମ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି


ସଂସ୍କୃତି ବିଭାଗର ଅଧିକାରୀ ଓ କଳାକାର ସଂଘର ସଦସ୍ୟମାନେ।

ନାରାୟଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗୀୟ ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ ଏବଂ ପୂର୍ବତନ ସହକାରୀ ନିର୍ଦ୍ଦେଶକ ତଥା ପ୍ରସାର ପ୍ରଚାର କାର୍ଯ୍ୟର ରାଜ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ନିଶଙ୍କ ଯୋଗଦେଇ ପ୍ରଚାର କାର୍ଯ୍ୟକୁ ବ୍ୟାପକ ଏବଂ ସୁଦୂର ପ୍ରସାର କରିବା ସକାଶେ ମତ ରଖିଥିଲେ । ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସମ୍ପ୍ରତି ଅଧିକ କଳାକାର ଯେଭଳି ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ଏବଂ ସେଥି ସକାଶେ ପଞ୍ଜିକରଣର ଆବଶ୍ୟକତା ଦିଗରେ ଆଲୋଚନା ହୋଇଥିଲା । କଳାକାର ପଞ୍ଜିକରଣ କରି ପୁନର୍ବାର ଆଉ ଦୁଇ ଗୋଟି କର୍ମଶାଳା ବ୍ଲକ ସ୍ତରରେ ଅନୁଷ୍ଠିତ ହେବାର ଯୋଜନା ରହିଥିବା ଜଣାଇ ଦିଆଯାଇଥିଲା । ବିଶେଷକର ଯେଉଁ ଅନୁଷ୍ଠାନ ପଞ୍ଜିକରଣ କରାଇ ନାହାନ୍ତି ସେମାନେ ବର୍ତ୍ତମାନ ମଧ୍ୟ ପଞ୍ଜୀକରଣ କରାଇପାରିବେ ବୋଲି କୁହାଯାଇଥିଲା ।

### ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର

ଖଜୁରୀପଡ଼ା,୨୧।୧୧(ବିଦୁର ବେହେରା):

ଖଜୁରୀପଡ଼ା ଥାନା ଅନ୍ତର୍ଗତ ଦୃତିପଡା ମେକାନି ସାହିରେ ମଙ୍ଗଳବାର ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ମେକାନି ସାହିର ସୋମନାଥ ବେହେରାଙ୍କ ଝିଅ ମାନିନୀ ବେହେରା ନୂଆଁଗାଁର ବେଲାସନ୍ ବେହେରାଙ୍କୁ ବିବାହ କରିଥିଲେ। ଆଜକୁ ତିନି ମାସ ହେଲା ପାରିବାରିକ କଳହ ଯୋଗୁଁ ଝିଅ ମାନିନୀ ନିଜ ଗାଁ ଦୃତିପଡା ମେକାନୀ ସାହିରେ ଆସି ବାପ ଘରେ ରହୁଥିଲେ। ମଙ୍ଗଳବାର ସ୍ୱାମୀ ବେଲସନ୍ ଆସି ଘରେ ଗଣ୍ଡଗୋଳ କରିବା ସହିତ ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସାହି ଲୋକେ ଆସି ଝିଅ ମାନିନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଫୁଲବାଣୀ ମେଡିକାଲକୁ ଆମ୍ବୁଲାନ୍ସ ଯୋଗେ ପଠେଇଛନ୍ତି। ଅନ୍ୟପଟେ ବେଲାସନକୁ ଗ୍ରାମବାସୀ ପୋଲିସରେ ଜିମା ଦେଇଛନ୍ତି।

# ମୁକ୍ତା ଯୋଜନା ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଛତ୍ରପୁର,୨୧।୧୧(ଦିଲୀପ ସାମଲ):

ଛତ୍ରପୁରସ୍ଥିତ ଜଉଗଡ଼ ସମ୍ମିଳନୀ କକ୍ଷ ଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମାଷ୍ଟର ଟ୍ରେନରମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ବିଷୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନିଆଏହି କାର୍ଯ୍ୟକ୍ରମର ପ୍ରଥମ ଦିନ ମଙ୍ଗଳବାର ଛତ୍ରପୁର ଉପଖଣ୍ଡ ଅଧୀନ ଛତ୍ରପୁର, ଗଞ୍ଜାମ, ରମ୍ଭା, ଖଲ୍ଲିକୋଟ, ପୁରୁଷୋତ୍ତମପୁର, କୋଦଳା ଓ ପୋଲସରା ଏନଏସିର ମାଷ୍ଟର ଟ୍ରେନରମାନଙ୍କୁ ମୁକ୍ତାର କାର୍ଯ୍ୟକାରିତା ପାଇଁ ମିଶନ ଶକ୍ତି ଗୋଷ୍ଠୀର ଜ୍ଞାନ, କୌଶଳ ଓ ଦକ୍ଷତା ବୃଦ୍ଧି ନେଇ ଦାୟିତ୍ୱ କ'ଣ ରହିଛି ତାହା ଉପରେ ତାଲିମ ଦିଆଯାଇଥିଲା। ଗୁଡା ପିଡି ନୀଳ ମାଧବ ଭୋଇ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଟ୍ରେନର ପ୍ରଣତି ଦାସ, ଉପହାର ବେହେରା, ଅପରାଜିତା ପରିଡା ପ୍ରମୁଖ ଉପସ୍ଥିତ ରହି ମାଷ୍ଟର ଟ୍ରେନରଙ୍କୁ ତାଲିମ ଦେଇଥିଲେ। ମାଷ୍ଟର ଟ୍ରେନରମାନେ ନିଜ ନିଜ ଏନଏସିର ୱାର୍ଡ ସ୍ତରରେ ବୁଲି ମୁକ୍ତା ବିଷୟରେ ଦକ୍ଷତା ବିକାଶ ସମ୍ପର୍କ ବିଭିନ୍ନ ତାଲିମ ଦେଇପାରିବେ ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ

ଆର.ଉଦୟଗିରି,୨୧।୧୧ (ମନୋଜ କୁମାର ପାଢୀ)

ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ସୋମବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି, ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି, ଜିଲା ଶ୍ରମିକ ଅଧିକାରୀ ଲୋକନାଥ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ ଖର୍ସଲ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିରେ ଶିକ୍ଷା ସହାୟତା, ବିବାହ ସହାୟତା, ଅନ୍ତେଷ୍ଟିକ୍ରିୟା ଆଦି ବାବଦକୁ ମୋଟ


ସହାୟତା ରାଶି ପ୍ରଦାନ କରୁଛନ୍ତି ଅତିଥି ।

୮୩୯ ଜଣଙ୍କୁ ୩,୦୮,୦୬,୪୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ୧୮୧ ଜଣ ନୂତନ ହିତାଧିକାରୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ସଭାରେ ଆର.ଉଦୟଗିରି, ରାୟଗଡ,ଓ ମୋହନା ବ୍ଲକରୁ ପ୍ରାୟ ୮୦୦ ଉର୍ଦ୍ଧ ମହିଳା ପୁରୁଷ ଯୋଗଦେଇଥିଲେ। ଶ୍ରମିକ ନେତା ପ୍ରବାଳ ପାଇକ, ଜିତେନ୍ଦ୍ର ସଭାପତି ଓ ଇଶ୍ରାଏଲ ମାଳୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପାଟଖଣ୍ଡା ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା

ବାଲିଗୁଡା,୨୧।୧୧ (ସଞ୍ଜୟ କୁମାର ପାଣିଗ୍ରାହୀ):

ବାଲିଗୁଡାସ୍ଥିତ ପାଟଖଣ୍ଡା ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବଡ଼ଗାଁ ସରକାରୀ ମାଧ୍ୟମିକ ବିଦ୍ୟାଳୟର ଉପ-ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ପାତ୍ର, ସୁଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଶାନ୍ତ କୁମାର ସାହୁ, ଗଟାଙ୍ଗୀ ସରକାରୀ ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ତୀର୍ଥବାସୀ ଘଡ଼ାଇ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଦ୍ୱୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଶିଶୁଙ୍କ ଉଦ୍ଦେଶ୍ୟରେ ବିଜ୍ଞାନର ମହତ୍ୱ ତଥା ଉପକାରିତା ବିଷୟରେ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଳାରେ ୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ଦୀପକ କୁମାର ମୁଖୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ଦେବିଡ ଦିଗଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଭତ୍ତା ପ୍ରଦାନରେ ଅନିୟମିତତା ଅଭିଯୋଗ



ହରପ୍ରିୟାଙ୍କ ମା ଜିଲାପାଳଙ୍କୁ ଗୁହାରି ଜଣାଉଛନ୍ତି।

ଭଞ୍ଜନଗର, ୨୦।୧୧(ବାବୁଲା ପ୍ରଧାନ):

ବେଲଗୁଣ୍ଠା ବ୍ଲକ ଖଇରପଟି ପଞ୍ଚାୟତ ଇନ୍ଧନପୁର ଗ୍ରାମର ହରପ୍ରିୟା ନାୟକ ଶତପ୍ରତିଶତ ଦିବ୍ୟାଙ୍ଗ। ତେଣୁ ତାଙ୍କୁ ଭତ୍ତା ପ୍ରଦାନ ପାଇଁ ଅନଲାଇନ ମାଧ୍ୟମରେ ତାଙ୍କ ମା' ଏକାଧିକ ଥର ଆବେଦନ କରିଛନ୍ତି। ଏଥିସହ ବ୍ଲକ ପ୍ରଶାସନଙ୍କୁ ଭେଟି ନିଜର ଗୁହାରି ଜଣାଇଛନ୍ତି। କିନ୍ତୁ ତାଙ୍କ ଗୁହାରି କେହି ଶୁଣିନାହାନ୍ତି। ଗତ ମାସରେ ୧୫ ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ଭତ୍ତା ପ୍ରଦାନ କରାଗଲା। ସେଥିରେ ମଧ୍ୟ ହରପ୍ରିୟାଙ୍କ ନାମ ଯୋଡ଼ି ହୋଇପାରିଲା ନାହିଁ। ତେଣୁ ହରପ୍ରିୟାଙ୍କୁ ଧରି ତାଙ୍କ ମା' ସୋମବାର ଭଞ୍ଜନଗର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ଜିଲାପାଳ ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଏଥିସହ ଏନେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ବିଜେଡିର ନିର୍ବାଚନୀ ସଭା



ବିଜେଡି ପ୍ରାର୍ଥିନୀ ଦେବସ୍ମିତା ଶତପଥୀ ପ୍ରଚାର କରୁଛନ୍ତି।

ଜି ଉଦୟଗିରି,୨୧।୧୧(ଶିଶିର ପଟ୍ଟନାୟକ):

ଜି. ଉଦୟଗିରି ଏନଏସି ଅଧ୍ୟକ୍ଷା ଉପନିର୍ବାଚନ ନିମନ୍ତେ ଶାସକ ବିଜେଡି ପକ୍ଷରୁ ପ୍ରଚାର ଜୋରଦାର କରାଯାଛି। ଉପନିର୍ବାଚନ ୨୯ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ବେଳ ମଙ୍ଗଳବାର ସ୍ଥାନୀୟ ୯ ନମ୍ବର ୱାର୍ଡ଼ସ୍ଥିତ ଗଣେଶ କଲ୍ୟାଣ ମଣ୍ଡପଠାରେ ବିଭିନ୍ନ ୱାର୍ଡରେ ବାସିନ୍ଦାଙ୍କୁ ନେଇ ନିର୍ବାଚନୀ ସଭା ଆୟୋଜିତ ହୋଇଯାଇଛି। ବିଜେଡି ପକ୍ଷରୁ ଅଧ୍ୟକ୍ଷା ପ୍ରାର୍ଥୀ ହୋଇଥିବା ସୁଶ୍ରୀ ଦେବସ୍ମିତା ଶତପଥୀଙ୍କ ନିମନ୍ତେ ସହରବାସୀଙ୍କ ନିକଟରେ ଭୋଟ ନିବେଦନ କରାଯାଇଥିଲା । ନିର୍ବାଚନୀ ସଭାରେ ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କ୍ଳେଶ ପ୍ରଧାନ, ଜିଲା କାର୍ଯ୍ୟକାରୀ ସଭାପତି ରାଜୀବ ପାତ୍ର ଦେବସ୍ମିତାଙ୍କୁ ବିପୁଳ ଭୋଟରେ ବିଜୟ କରାଇବାକୁ ଅନୁରୋଧ କରିଥିଲେ। ନଗର ସଭାପତି ଗୋପାଳକୃଷ୍ଣ ମହାପାତ୍ର, ନଗର କାର୍ଯ୍ୟକାରୀ ସଭାପତି ଅନୀଲ ଦଳବେହେରା, ଜିଲା ଉପସଭାପତି କାଲୁଚରଣ ପଣ୍ଡା ଓ ପୂର୍ବତନ ଅଧ୍ୟକ୍ଷ ପି. ସଂଜୀବ କୁମାର ପାତ୍ର, ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ନଗର ମହିଳା ସଭାନେତ୍ରୀ, ଜିଲା ମହିଳା ସଭାନେତ୍ରୀ ଅନିମା କହଁର, ଜିଲା ମହିଳା ପର୍ଯ୍ୟବେକ୍ଷକ ସଂଯୁକ୍ତା ଦାସଗୁପ୍ତା ଜିଲା ଯୁବ ସଭାପତି ବିଷ୍ଣୁ ଚରଣ ମଲ୍ଲିକଙ୍କ ସମେତ ବିଜୁ ଜନତା ଦଳର କାଉନସିଲର ଓ ନେତାମାନେ ଏହି ସଭାରେ ଉପସ୍ଥିତ ଥିଲେ। ଅଧ୍ୟକ୍ଷା ପ୍ରାର୍ଥୀନୀ ସୁଶ୍ରୀ ଶତପଥୀ ଭୋଟ ଦେଇ ତାଙ୍କୁ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ।

# ପର୍ଯ୍ୟଟନ ସ୍ଥଳକୁ ପ୍ଲାଷ୍ଟିକମୁକ୍ତ ପାଇଁ ପ୍ରଶାସନର ପ୍ରୟାସ

ପାରଳାଖେମୁଣ୍ଡି,୨୧।୧୧ (ଗିରିଧାରୀ ପରିଛା):

ଗଜପତି ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁପ ପ୍ରଶାସନ ପ୍ରୟାସ ଆରମ୍ଭ କରିଛି। ବର୍ତ୍ତମାନ ପିକନିକ ଋତୁ ଆରମ୍ଭ ହୋଇଥିବା ବେଳେ ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ରାୟଗଡ ବ୍ଲକର ଗଣ୍ଡାହାତି ଜଳପ୍ରପାତ ଓ ଗୁଦଗୁଦା ଜଳପ୍ରପାତ ଓ ମହେନ୍ଦ୍ରଗିରି ପର୍ବତ, ଆର.ଉଦୟଗିରି ବ୍ଲକର ମାଙ୍କଡଡିଆ ଓ ମୋହନ ବ୍ଲକରେ ରହିଛି ଏସିଆର ବୃହତ୍ତମ ବୌଦ୍ଧ ମନ୍ଦିର ଏବଂ ପାରଳାଖେମୁଣ୍ଡି ସହର ନିକଟରେ ମହାନ୍ଦ୍ରତନୟା ନଦୀ କୂଳରେ ବିଏନ ପ୍ୟାଲେସ। ଏହି ସବୁ ପର୍ଯ୍ୟଟନ ସ୍ଥଳର ସୌନ୍ଦର୍ଯ୍ୟ, ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଓ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଏବେ ଏହିସବୁ ସ୍ଥାନରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର



ଉପରେ କଟକଣା ଲଗାଇଛି ଜିଲା ପ୍ରଶାସନ । ପ୍ରଦୂଷଣ ବୋର୍ଡ ୧୪(୧) ଅନୁଯାୟୀ ଏହି ସବୁ ପର୍ଯ୍ୟଟନ ସ୍ଥଳର କୌଣସି ଦୋକାନୀ, ବ୍ୟବସାୟିକ ପ୍ରତିଷ୍ଠାନ ଗ୍ରାହକଙ୍କୁ ନିଜ ବ୍ୟବସାୟିକ ଜିନିଷ ପତ୍ର ପଲିଥିନ କିମ୍ବା ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲାଗିଛି । ଯଦି କୌଣସି ଦୋକାନୀ ଏହାର ଖିଲାପ କରନ୍ତି ତେବେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହୃତ ଜିନିଷକୁ ଜବତ କରାଯିବା ସହ ପ୍ରଥମ ଥର ପାଇଁ ୨୦୦୦ ଟଙ୍କା, ଦ୍ୱିତୀୟ ଥର ପାଇଁ ୫୦୦୦ ଟଙ୍କା ଓ ତୃତୀୟ ଥର ପାଇଁ ୧୦୦୦୦ଟଙ୍କା ଜରିମାନା କରାଯିବ। ସେହିପରି ପଲିଥିନ ଓ ପ୍ଲାଷ୍ଟିକ ପୋଡ଼ା ପାଇଁ ପରିବେଶ ପ୍ରଦୂଷଣ ନିୟମ ଅନୁଯାୟୀ ସଂପୃକ୍ତ ବ୍ୟକ୍ତିଙ୍କ ଉପରେ ୫୦୦୦ ଟଙ୍କା ରୁ ୨୫୦୦୦ ଟଙ୍କା ଜରିମାନା କରିବା ସହ ବାରମ୍ବାର ଖିଲାପକାରୀଙ୍କୁ ଜରିମାନା କରାଯିବ। ପ୍ଲାଷ୍ଟିକ ନଷ୍ଟ ପରିଚାଳନା ପାଇଁ ସଂପୃକ୍ତ ପୌରସଂସ୍ଥା ଓ ଗ୍ରାମ ପଞ୍ଚାୟତ ଜରିମାନା ଆଦାୟ କରାଯିବ ବୋଲି ମଙ୍ଗଳବାର ଏକ ନିର୍ଦ୍ଦେଶ ନାମା ପ୍ରଶଶସନ ଜାରି କରିବା ସହ ଏହାର ତଦାରଖ ପାଇଁ ସ୍ଥାନୀୟ ତହସିଲଦାରଙ୍କ ଅଧକ୍ଷତାରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଥାନା ଅଧିକାରୀ, ବନ ବିଭାଗ ଅଧିକାରୀ ଓ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରିବା ସହ ଲୋକ ଓ ପର୍ଯ୍ୟଟକମାନଙ୍କୁ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଚେତନ କରାଇବା ସହ ଆର୍ଥିକ ଜରିମାନା ଓ ପ୍ଲାଷ୍ଟିକ ପରିଚାଳନା ନିୟମ ୨୦୧୬ ସମ୍ବନ୍ଧରେ ବୁଝାଇବେ। ସଂପୃକ୍ତ କମିଟି ସପ୍ତାହରେ ଥରେ ଏହି ସବୁ ପିକନିକ ଓ ପର୍ଯ୍ୟଟନ ସ୍ଥଳ ଭ୍ରମଣ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ମାଛଚାଷ ବିକାଶ ଉପରେ ଗୁରୁତ୍ୱ

## ୧୧ ହଜାର ଏସ୍ଏଚ୍‌ଜି ସ୍ୱାବଲମ୍ବୀ ହେବେ

ବ୍ରହ୍ମପୁର, ୨୧।୧୧ (ଅଶୋକ କୁମାର ସାହୁ)

ମାଛ ଚାଷର ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି କରିବାକୁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏବେ ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ମାଛ ଚାଷ ଉପରେ ପ୍ରୋତ୍ସାହନ ଦିଆଯାଉଛି ବୋଲି ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ମଙ୍ଗଳବାର କହିଛନ୍ତି। ସ୍ଥାନୀୟ ସିଟି ହସପିଟାଲ ରୋଡସ୍ଥିତ ହୋଟେଲ ଜେବି ପ୍ରାଙ୍ଗଣରେ ଅନୁଷ୍ଠିତ ବିଶ୍ୱ ମତ୍ସ୍ୟ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ସ୍ୱାଇଁ ଯୋଗଦେଇ ଉପରୋକ୍ତ ମତ ଦେବା ସହ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ବିଷୟରେ ବର୍ଣ୍ଣନା କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ୧୬ଟି ଯୋଜନାର ସମନ୍ୱୟରେ ଏହା ଏକ ବୃହତ ଯୋଜନା। ଓଡ଼ିଶା ମତ୍ସ୍ୟ କ୍ଷେତ୍ରରେ ସାମଗ୍ରିକ ବିକାଶ ପାଇଁ ଏହି ଯୋଜନା ପ୍ରଣୀତ ହୋଇଛି। ଏହା ଦ୍ୱାରା ୧୧ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସ୍ୱାବଲମ୍ବୀ ହେବେ। ପ୍ରତ୍ୟକ୍ଷ ଭାବେ ୫୦ ହଜାର ମତ୍ସ୍ୟ ଚାଷୀ ଓ ମତ୍ସ୍ୟଜୀବୀ ଉପକୃତ ହେବେ। ୧ ଲକ୍ଷରୁ ଊର୍ଦ୍ଧ୍ୱ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସିଡିଭିଓ ମନୋଜ କୁମାର ସାହୁ ଯୋଗଦେଇ ମାଛ ସହିତ ଅନ୍ୟାନ୍ୟ ଚାଷ କରିବାକୁ ଚାଷୀଙ୍କୁ ପ୍ରୋତ୍ସାହିତ କରି ସମନ୍ୱିତ ଚାଷ ଉପରେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ (ୱାଟରସେଡ) ଶୁଭେନ୍ଦୁ କୁମାର ଦାସ ଫାର୍ମ ପୋଖରୀରେ କିଭଳି ମାଛ ଚାଷ କରିବାକୁ ହେବ ସେଥିନେଇ ମତ ରଖିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସିଦ୍ଧାର୍ଥ ଶଙ୍କର ଦାସ ମାଛର ରୋଗ, ଲକ୍ଷଣ ଓ ପ୍ରତିକାର ବିଷୟରେ ବୁଝାଇଥିଲେ। ରଙ୍ଗେଇଲୁଣ୍ଡା ବ୍ଲକର ଏଏଫଓ ଦୀପ୍ତିମୟୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ଜିଲା ମତ୍ସ୍ୟ କାର୍ଯ୍ୟାଳୟର ଏଏଫ୍‌ଓ ସନ୍ତୋଷିତା ପ୍ରଧାନ, ଶେରଗଡ ବ୍ଲକର ଏଏଫ୍‌ଓ ସୂର୍ଯ୍ୟକାନ୍ତ ବାରିକ, କୁକୁଡାଖଣ୍ଡି ବ୍ଲକର ଏଏଫ୍‌ଓ ମୋନାଲିସା ମିଶ୍ର, ବେଗୁନିଆପଡା ବ୍ଲକର ଏଏଫ୍‌ଓ ଜ୍ୟୋତିରଂଜନ ପ୍ରଧାନଙ୍କ ସମେତ ସମସ୍ତ ବ୍ଲକର ମତ୍ସ୍ୟ ଅଧିକାରୀ ଓ ଟେକ୍ନିସିଆନମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ୧୦୦ରୁ ଅଧିକ ଚାଷୀ ଯୋଗଦେଇଥିଲେ। ଶେଷରେ ପଞ୍ଚାୟତ ପୋଖରୀ ଲିଜ ନେଇ ମାଛ ଚାଷ କରି ଉନ୍ନତି କରିଥିବାରୁ ଧରାକୋଟ ବ୍ଲକର ଅଞ୍ଜନା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜିଲା ପରିଷଦ ଅଧ୍ୟକ୍ଷା ସମ୍ମାନିତ କରିଥିଲେ। ଶେରଗଡ ବ୍ଲକର ପିଉଲସ୍ଥିତ ସନତ କୁମାର ପାତ୍ର ମତ୍ସ୍ୟ ପୋଖରୀ ଯୋଜନାରେ ଉନ୍ନତି ଓ ଘରେ କୁଣ୍ଡରେ ମାଛ ଚାଷ କରି ଉନ୍ନତି କରିଥିବା ଚିକିଟି ବ୍ଲକ ରାମଚନ୍ଦ୍ରପୁରର ଗୀତାଞ୍ଜଳି ବିଷୋୟୀଙ୍କୁ ସମ୍ମାନିତ କରାଯାଇଥିଲା। ଏଡିଏଫଓ ଶାଗର କୁମାର ରାମ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ରାକେଶ


@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ସାହାରା ଜମାକାରୀ ମଞ୍ଚ ପକ୍ଷରୁ ବିକ୍ଷୋଭ। ସ୍ଥାନ–ଆର୍‌ଡିସି କାର୍ଯ୍ୟାଳୟ, ସମୟ–ଅପରାହ୍ନ ୧ଟା।
- ଓଡିଶା ଡେଭଲପମେଣ୍ଟ ଫୋରମ ପକ୍ଷରୁ ପଥପ୍ରାନ୍ତ ସଭା। ସ୍ଥାନ–ବ୍ରହ୍ମପୁର ଷ୍ଟାଡିୟମ, ସମୟ–ସକାଳ ୮ଟା ୪୫।


ବ୍ରଜନଗର ରାଧା କୃଷ୍ଣ ମନ୍ଦିରରେ ହବିଷିଆଳିଙ୍କ ଦ୍ୱାରା ଅଁଳା ଗଛ ପୂଜାର୍ଚ୍ଚନା।

# ମତ୍ସ୍ୟଜୀବୀ ସଂଘ ପକ୍ଷରୁ ମତ୍ସ୍ୟ ଦିବସ

ବ୍ରହ୍ମପୁର, ୨୧।୧୧ (ସ୍ମୃତି ରଞ୍ଜନ ମହାଲିକ)

ଓଡିଶା ପାରମ୍ପରିକ ମତ୍ସ୍ୟଜୀବୀ ସଂଘ ଜିଲା ଶାଖା ପକ୍ଷରୁ ଟାଉନ ହଲ ପରିସରରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ଏମପି ଚନ୍ଦ୍ର ଶେଖର ସାହୁ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ରୂପେ କ୍ଷୁଦ୍ର ଜଳ ସେଚନ ବିଭାଗ ଯନ୍ତ୍ରୀ ଜୟଦେବ ପଣ୍ଡା, ଡ୍ରେନେଜ ବିଭାଗର ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଜିଲାରେ ମତ୍ସ୍ୟ ଜୀବୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ୧୪ ଦଫା ସମ୍ବଳିତ ଦାବି ପତ୍ର ଏମପିଙ୍କୁ ପ୍ରଦାନ କରାଯାଇଥିଲା। ସଂଘର ସଂପାଦକ କେ ଏଲେୟା, ଉପଦେଷ୍ଟା ସୁଦର୍ଶନ ଛୋଟରାୟ, ଏନ ଚିନେୟା, ମହିଳା ନେତ୍ରୀ ଏ ପାର୍ବତୀଙ୍କ ସମେତ ସଂଘର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।



# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ, ଜରିମାନା

## ଗଞ୍ଜେଇ ଚୋରାଚାଲାଣ ମାମଲା

ବ୍ରହ୍ମପୁର, ୨୧।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ୨୦୨୧ରେ ୧୬ ନଂ. ଜାତୀୟ ରାଜପଥରୁ ଗଞ୍ଜେଇ ଭର୍ତ୍ତି ଟ୍ରକ ଜବତ ହୋଇଥିଲା। ବ୍ରହ୍ମପୁର ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ (୧)ଡ଼. ଇନ୍ଦୁ ଶର୍ମା ମଙ୍ଗଳବାର ଏହି ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ମିଳିଥିବାରୁ ସେ ଅଭିଯୁକ୍ତ ବିହାର ଭୋଜପୁର ଜିଲା ମୁଫସିଲ ଥାନା ଇଲାକାର ଡ଼ବୁଲ ଖାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜଜ ତାଙ୍କ ରାୟରେ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ ଜେଲଦଣ୍ଡ ସହ ଏକ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

୨୦୨୧ ଜୁନ ୨୮ ତାରିଖରେ ଅବକାରୀ ଗୋଇନ୍ଦା ଟିମ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଙ୍କୁଡିବନ୍ଧ ଛକରେ ପାଟ୍ରୋଲିଂ କରୁଥିଲା। ରାତିରେ ଗୋପାଳପୁର ଜଙ୍କଶନରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଟ୍ରକ (ଜେଏଚ ୦୫ ଏଏନ– ୦୫୪୯)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୩୦ଟି ଜରି ବସ୍ତାରେ ଥିବା ୩୦୦ କେଜି ଗଞ୍ଜେଇ ଜବତ ସହ ଟ୍ରକ ଚାଳକ ଡ଼ବୁଲ ଖାନଙ୍କ ପକେଟରୁ ୨୫୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏପରି ମୋଟ ୩୦୦କୁଇଣ୍ଟାଲ ୨୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଜବତ ଗଞ୍ଜେଇ ଓ ଟ୍ରକର ମୂଲ୍ୟ ୭୦ ଲକ୍ଷ ଟଙ୍କା ଆକଳନ ହୋଇଥିଲା। ଅଭିଯୁକ୍ତଙ୍କୁ ଜେରା ବେଳେ ସେ ମୋହନାରୁ ଗଞ୍ଜେଇ ଆଣି ବ୍ରହ୍ମପୁର ଦେଇ କଲିକତା ଚାଲାଣ କରିଥାନ୍ତେ ବୋଲି ଅବକାରୀ ଟିମ ଜାଣିବାକୁ ପାଇଥିଲେ। ମାମଲା ନମ୍ବର ୧୦୭/୨୧–୨୨ ରେ ଅଭିଯୁକ୍ତଙ୍କୁ ଗିରଫ କରି ଅବକାରୀ ଟିମ କୋର୍ଟଚାଲାଣ କରିଥିଲେ। ମାମଲାର ବିଚାର ବେଳେ ୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଗିରଫ ଠାରୁ ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଡ଼ବୁଲ ଖାନଙ୍କୁ ମଙ୍ଗଳବାର କଡା ସୁରକ୍ଷାରେ କୋର୍ଟରେ ହାଜର କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଜଜ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଜ୍ଞାନ ରଞ୍ଜନ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# ଏମ୍‌କେସିଜି ଛାତ୍ର ସଂସଦ ବାର୍ଷିକ ପତ୍ରିକା 'ସଂଜୀବନୀ' ଉନ୍ମୋଚିତ

ବ୍ରହ୍ମପୁର, ୨୧।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତ (ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲ୍ ଛାତ୍ର ସଂସଦ ୨୦୨୨–୨୩ ଜର୍ନାଲ୍ ସୋସାଇଟିର ବାର୍ଷିକ ପତ୍ରିକା 'ସଂଜୀବନୀ' ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ମେଡିକାଲ କଲେଜ ଲେକଚର ଥିଏଟର୍ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପତ୍ରିକାର ଯୁଗ୍ମସମ୍ପାଦକ ସୁହାନି ଦାଶ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥି ଭାବେ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଜୋନ୍ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଡ. କୁଳମଣି ଓଝା, କଟେର ଉପାଧ୍ୟକ୍ଷ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ ଓ ଉପାଧ୍ୟକ୍ଷ ପ୍ରଫେସର ଡା. ନରେନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ଶ୍ରୀପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଭାବେ ରଶ୍ମି ସାହୁ, ଆସୋସିଏଟ୍ ପ୍ରଫେସର ଡା. ରାଜେନ୍ଦ୍ର କୁମାର ବେହେରା ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପତ୍ରିକାର ସମ୍ପାଦକ ମୋହିତ ରଂଜନ ଦେହୁରୀ ଧନ୍ୟବାଦ ଦେଇଥିଲେ।

# ନାବାଳିକା ଛାତ୍ରୀ ବଳାତ୍କାର ମାମଲା, ୨ ନିର୍ଦ୍ଦୋଷ

ବ୍ରହ୍ମପୁର, ୨୧।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

୨୦୧୮ରେ ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର କରାଯାଇଥିବା ନେଇ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ ହୋଇଥିଲା। ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ମଙ୍ଗଳବାର ଏହି ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ବିଷ୍ଣୁପ୍ରସାଦ ମହାପାତ୍ର ଓ ଛାତ୍ରୀ ଅପହରଣରେ ସହଯୋଗ କରିଥିବା ବିଦ୍ୟାଧର ମହାପାତ୍ର।

୨୦୧୮ ଏପ୍ରିଲ ୧୯ରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରି ମେ ୧୫ ତାରିଖରେ ଛାତ୍ରୀଙ୍କୁ ପୁରୀରୁ ଉଦ୍ଧାର କରିଥିଲା। ସେଠାରୁ ବିଷ୍ଣୁପ୍ରସାଦଙ୍କୁ କାବୁ କରି ଥାନାକୁ ଆଣିଥିଲା। ବିଷ୍ଣୁପ୍ରସାଦ ଓ ତାଙ୍କ ସାଙ୍ଗ ବିଦ୍ୟାଧର ଛାତ୍ରୀଙ୍କୁ ଏକ ବାଇକ୍‌ରେ ଅପହରଣ କରି ନେଇଥିଲେ। ବିଦ୍ୟାଧର ଉଭୟଙ୍କୁ କେଶପୁରଠାରେ ଛାଡ଼ି ପଳାଇ ଆସିଥିଲେ। ବିଷ୍ଣୁପ୍ରସାଦ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ସମ୍ପୃକ୍ତା ଛାତ୍ରୀଙ୍କୁ ଏକାଧିକ ଥର ବଳାତ୍କାର କରିଥିଲେ ବୋଲି ପୀଡ଼ିତା ପାଲିସ ନିକଟରେ ବୟାନ ଦେଇଥିଲେ। ତାଙ୍କ ଅଭିଯୋଗ ପ୍ରକାରେ ପୋଲିସ ବିଷ୍ଣୁପ୍ରସାଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

୨୦୧୯ ଅଗଷ୍ଟ ୨୭ରେ ଅନ୍ୟତମ ଅଭିଯୁକ୍ତ ବିଦ୍ୟାଧରଙ୍କୁ କୋର୍ଟ ଚାଲଣ କରିଥିଲା। ପରେ ଉଭରେ ଜାମିନରେ ଛାଡ଼ ପାଇଥିଲେ। ମାମଲାର ବିଚାର ବେଳେ ୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାର କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଜଜ ଅଭିଯୁକ୍ତଦ୍ୱୟଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରୁଥିଲେ।

# ମହାମାୟୀ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ



ଏମ୍‌ପି ଚନ୍ଦ୍ରଶେଖର ସାହୁ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ବ୍ରହ୍ମପୁର, ୨୧।୧୧ (ତନୁଶ୍ରୀ ନାହାକ)

ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ମଙ୍ଗଳବାର ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଛାତ୍ରୀଙ୍କ କ୍ରୀଡ଼ା ସମାରୋହ ଉଦଯାପନୀ ସହ ସ୍ନାତକଛାତ୍ରୀଙ୍କ ସାମାଜିକ କାର୍ଯ୍ୟକଳାପ ଶୁଭାରମ୍ଭ ହୋଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା କବିତା ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମପି ଚନ୍ଦ୍ର ଶେଖର ସାହୁ ଯୋଗଦେଇ ଯୁକ୍ତ ୨ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବର କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବା ସହ ଜନସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଛାତ୍ରୀମାନେ ପ୍ଲାଷ୍ଟିକ ବର୍ଜନ ନିମନ୍ତେ ସହର ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ଏଥିରେ ଅତିଥି ଭାବେ କର୍ପୋରେଟର ଗୀତାରାଣୀ ପଣ୍ଡା, ରଞ୍ଜିତ ବେହେରା ଏବଂ ସମାଜସେବୀ ଦୁର୍ଗାମାଧବ ପଣ୍ଡା ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଶାସନିକ ଅଧିକାରିଣୀ ଡ. ଜୟନ୍ତୀ ରାଣୀ ପଣ୍ଡା, କ୍ରୀଡା ଅଧିକାରିଣୀ ଅଧ୍ୟାପିକା ଡ. ବାଣୀ ପଟ୍ଟନାୟକ, ନୋଡାଲ ଅଫିସର ସ୍ୱର୍ଣ୍ଣଲତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଏବଂ ସହସ୍ରାଧିକ ଛାତ୍ରୀ ଉପସ୍ଥିତ ଥିଲେ।

# ଉଦ୍ଭିଦ ବିଜ୍ଞାନ ବିଭାଗର ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

## ଶିକ୍ଷକମାନେ ପାଠପଢ଼ାସହ ଗବେଷଣା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ : କୁଳପତି



କାର୍ଯ୍ୟକ୍ରମର ଉପସ୍ଥିତ ଅତିଥିମାନେ।

ବ୍ରହ୍ମପୁର, ୨୧।୧୧ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ ଜୀବବିଜ୍ଞାନ, ଜୈବ ପ୍ରଯୁକ୍ତି ଓ ସୂଚନା ବିଦ୍ୟାର ସାମ୍ପ୍ରତିକ ବିକାଶଧାରା ଶୀର୍ଷକ ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରି ଏହି ୨ ଦିନିଆ ସମ୍ମିଳନୀ ଉଦଘାଟନ କରି ବିଦ୍ୟାର୍ଥୀଙ୍କ ସାମଗ୍ରୀକ ବିକାଶ ପାଇଁ ଶିକ୍ଷାଦାନ ସହ ଗବେଷଣାର ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ଓଡିଶା ବିଜ୍ଞାନ ଏକାଡେମୀର ଅଧ୍ୟକ୍ଷ ପ୍ରଫେସର ବିଭୂତି ଭୂଷଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ଓ ସାମ୍ପ୍ରତିକ ଯୁଗରେ ଗବେଷଣା ଧାରାର ରୂପାନ୍ତର ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀ ଯୋଗଦେଇ ଗବେଷଣାର ଗୁଣାତ୍ମକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଅଧ୍ୟୟନ ପ୍ରତି ଆଗ୍ରହୀ ହେବାକୁ ପରାମର୍ଶ ଦେଇଥିଲେ। ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ଉପସ୍ଥିତ ଥିଲେ। ସମ୍ମିଳନୀ ସମ୍ପାଦିକା ଡଃ. ସରିତା ଦାସ ଜାତୀୟ ସମ୍ମିଳନୀର ବିବରଣୀ ପାଠ କରିଥିବା ବେଳେ ବିଭାଗୀୟ ସଂଯୋଜକ ଡଃ. ବିଶ୍ୱ ରଞ୍ଜନ ମେହେର ସ୍ୱାଗତ ଭାଷଣ ଦେଇଥିଲେ। ଡଃ. ମୃତ୍ୟୁଞ୍ଜୟ ଜେନା ଅତିଥି ପରିଚୟ ଦେଇଥିଲେ। ବିଭାଗର ବହୁ ପୁରାତନ ଛାତ୍ରଛାତ୍ରୀ ସଙ୍ଘର ସଭ୍ୟ, ଗବେଷିକା ଗବେଷକ ଓ ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ୮୦ ରୁ ଅଧିକ ଗବେଷଣାତ୍ମକ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଡଃ.ଏ. ଲିଲାବେଣୀ ଧନ୍ୟବାଦ ଦେଇଥିଲେ।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ବୁଗୁଡ଼ା ୨୧।୧୧ (କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପୋଚାଲୁଣ୍ଡି ଗାଁ ଛକରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଅଢେଇ ବରଗାଁର ସୁରଟ ଫେରନ୍ତା ଦାଦନ ସୂର୍ଯ୍ୟ ଡାକୁଆ (୨୫)। ସୂର୍ଯ୍ୟ ବାଇକ ଯୋଗେ ଗୋପାଳପୁର ବୁଲିବାକୁ ଯାଉଥିବା ବେଳେ ପୋଚାଲୁଣ୍ଡି ଗାଁ ଛକରେ ସାମନା ପଟୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଲୋକେ ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ୪ ଦିନରେ ୨ ହତ୍ୟାକାଣ୍ଡ

## ବାପା, ୨ ପୁଅ ଅଟକ ରଖି ତଦନ୍ତ ଜାରି

ବ୍ରହ୍ମପୁର/କୁକୁଡାଖଣ୍ଡି, ୨୧।୧୧ (ସୁବାସ ଚନ୍ଦ୍ର ପାଢ଼ୀ/ପ୍ରତାପ କୁମାର ସାହୁ)

ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନା ଓ ସଦର ଥାନା ଅଞ୍ଚଳରେ ୪ ଦିନ ମଧ୍ୟରେ ୨ ଜଣଙ୍କୁ ହାଣି ହତ୍ୟା କରାଯାଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଗୋଳନ୍ଥରା ଥାନା ଗୋଲା ଗୋବିନ୍ଦପୁର ଗ୍ରାମର ଟୁଟୁ ନାଇକଙ୍କ ଚାନ୍ଦପୁର ଗ୍ରାମର ଜଣେ ସ୍ୱାମୀ ପରିତ୍ୟକ୍ତାଙ୍କ ସହ ପ୍ରେମ ସମ୍ପର୍କ ଥିଲା। ମହିଳା ଜଣଙ୍କ ବାପା ସନ୍ତୋଷ ଦାସଙ୍କ ଘରେ ରହୁଥିଲେ। ଘଟଣା ଜଣାପଡିବା ପରେ ଟୁଟୁଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା ହୋଇଥିଲା। ଗତ ୧୮ ତାରିଖ ସନ୍ଧ୍ୟାରେ ପ୍ରେମିକା ଜଣଙ୍କ ଫୋନ କରି ଟୁଟୁଙ୍କୁ ଘରକୁ ଡାକିଥିଲେ। ଟୁଟୁ ନିଜ ବାଇକ୍‌ରେ ଚାନ୍ଦପୁର ଛକରେ ପହଞ୍ଚିଥିଲେ। ଯୋଜନା ମୁତାବକ ସନ୍ତୋଷ ଓ ତାଙ୍କ ୩ପୁଅ ମିଶି ସେଠାରେ ଟୁଟୁଙ୍କୁ ହତ୍ୟା କରି ଏକ ଅଖାରେ ବାନ୍ଧି ଗାଁଠାରୁ ୧କିଲୋମିଟର ଦୂର ଏକ କୂଅରେ ପକାଇ ଦେଇଥିଲେ। ସେହିପରି ଟୁଟୁଙ୍କ ବାଇକକୁ ନିକଟ ପୋଖରୀରେ ଫିଙ୍ଗି ଦେଇଥିଲେ। ଟୁଟୁଙ୍କ ସ୍ତ୍ରୀ ସ୍ୱାମୀ ନିଖୋଜ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟୁଟୁଙ୍କ ମୋବାଇଲ ଟ୍ରାକିଂ କରି ଚାନ୍ଦପୁର ଗ୍ରାମରେ ପହଞ୍ଚି ତଦନ୍ତ ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲା। ପରେ ସନ୍ତୋଷ ଓ ତାଙ୍କ ୨ପୁଅ କାହ୍ନା ଦାସ ଓ ଗଣିଆ ଦାସଙ୍କୁ କାବୁ କରିଥିଲା। ସେମାନଙ୍କ ବୟାନ ଅନୁସାର କୂଅରୁ ଟୁଟୁଙ୍କ ମୃତଦେହ ଜବତ କରିଥିଲା। ନଂ.୫୯୫/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ସମସ୍ତଙ୍କୁ ଅଟକ ରଖି ତଦନ୍ତ କରୁଛି। ଟୁଟୁଙ୍କ ବାଇକ ଉଦ୍ଧାର ହୋଇଛି। ସନ୍ତୋଷଙ୍କ ଝିଅ ଓ ଅନ୍ୟ ଏକ ପୁଅ ରାଜୁ ଦାସ ଫେରାର ଅଛନ୍ତି। ସେହିପରି ମଙ୍ଗଳବାର ମଧ୍ୟାହ୍ନରେ ସଦର ଥାନା ପୋଲିସ ନାରାୟଣପୁର ଗ୍ରାମର ସ୍ୱର୍ଗତ କୋରା ବିଷୋୟୀଙ୍କ ପୁଅ ଶଙ୍କର ବିଶୋଇ (୩୫)ଙ୍କ ମୃତଦେହ ଜବତ କରିଛି। ତାଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ହଣାଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପଞ୍ଚନାମା ବେଳେ ଜାଣିବାକୁ ମିଳିଛି। ଅନ୍ୟପଟେ ସୋମବାର ମୃତଙ୍କଙ୍କ ସ୍ତ୍ରୀ ତାଙ୍କ ବାପ ଘର ବନ୍ଥପଲି ଯାଇଥିବା ବେଳେ ତାଙ୍କୁ କିଏ ଓ କାହିଁକି ଘର ଭିତରେ ନିର୍ମମ ଭାବେ ହତ୍ୟା କଲେ, ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି ବୋଲି ସଦର ଏସଡ଼ିପିଓ ଶିବ ଶଙ୍କର ମହାପାତ୍ର କହିଛନ୍ତି। ରାତିରେ ଶଙ୍କର ଘରେ ଏକା ରହିଥିବା ବେଳେ ଦୁର୍ବୃତ୍ତ ମାନେ ଘରେ ପଶି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକଙ୍କ ଭାଇ ସତ୍ୟବାନ ବିଶୋଇଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୫୦୬/୨୩ ରେ ଏକ ହତ୍ୟା ମାମଲା ରୁଜୁ କରିଛି।

